## ସଂକ୍ଷେପରେ

### ନାମାଙ୍କନ ଦାଖଲ

ଶେରଗଡ଼, ୪।୪(ଡି.ଏନ୍.ଏ.): ଶେରଗଡ ବ୍ଲକର ଦୁଇଟି ପଞ୍ଚାୟତ ଓ ୩୨ଟି ୱାର୍ଡ ନିର୍ବାଚନ ପାଇଁ ମଙ୍ଗଳବାର ନାମାଙ୍କନ ଦାଖଲ ହୋଇଛି। ବ୍ଲକରେ ବିଡିଓ ଶିବାଶିଷ ବରାଳ, ଜିପିଓ ରବିକୁମାର ନିର୍ବାଚନ ଦାୟିତ୍ୱରେ ଥିବା ବେଳେ ପଞ୍ଚାୟତମାନଙ୍କରେ ପଞ୍ଚାୟତ ନିର୍ବାଚନ ଅଧିକାରୀ ଦାୟିତ୍ୱ ରେ ଅଛନ୍ତି। ମଙ୍ଗଳବାର ବରମୁଣ୍ଡଳୀ ପଞ୍ଚାୟତର ୬ଟି ୱାର୍ଡ ପାଇଁ ୭ଜଣ, କରଡାକଣା ପଞ୍ଚାୟତର ୩ଟି ୱାର୍ଡ ପାଇଁ ୩ଜଣ, ଶେରଗଡ଼ରେ ଗୋଟିଏ ୱାର୍ଡ ପାଇଁ ଜଣେ, କୁଷ୍ଠଛାଇ ପଞ୍ଚାୟତର ଗୋଟିଏ ୱାର୍ଡ ପାଇଁ ଜଣେ, ନରେନ୍ଦ୍ରପୁର ପଞ୍ଚାୟତ ଗୋଟିଏ ୱାର୍ଡ ପାଇଁ ଜଣେ ଲେଖାଏଁ ନାମାଙ୍କନ ପତ୍ର ଦାଖଲ କରିଛନ୍ତି।

### ବିରଳ ଧଳା ପେଚା ଉଦ୍ଧାର

ପାରଳାଖେମୁଣ୍ଡି,୪।୪(ଡି.ଏନ୍.ଏ.): ପାରଳାଖେମୁଣ୍ଡି, ରାଜଦାଣ୍ଡ ସାହିସ୍ଥିତ ଶ୍ରୀକୁଞ୍ଜ ରେଷ୍ଟୁରାଣ୍ଟରୁ ପାରଳା ବନ ବିଭାଗ ତରଫରୁ ଏକ ବିରଳ ପ୍ରଜାତିର ଧଳା ପେଚା ଉଦ୍ଧାର କରାଯାଇଛି। ସକାଳେ ହୋଟେଲ ଉପର ମହଲାକୁ କର୍ମଚାରୀମାନେ ଯାଇଥିବା ବେଳେ ଏହି ପେଚାକୁ ଦେଖିଥିଲେ। ଦିନ ଆଲୁଅରେ ପେଚା ଉଡ଼ିବାକୁ ଚେଷ୍ଟା କରି ବାରମ୍ବାର କାନ୍ଥରେ ଏବଂ ଝରକାରେ ବାଡ଼େଇ ହୋଇ ପଡ଼ି ଯାଉଥିବା ଦେଖି ମାଲିକଙ୍କୁ କହିବାରୁ ସେ ବନ ବିଭାଗକୁ ଜଣାଇଥିଲେ। ଦେବଗିରି ବନାଞ୍ଚଳ ଅଧିକାରୀ ଏନ୍. ଡି. ଶର୍ମା, ବନପାଳ ଭି. ରାବଣା, ବନରକ୍ଷୀ ଶିବରାମ ସାବତ ପ୍ରମୁଖ ପେଚାକୁ ଧରି ବିଭାଗୀୟ କାର୍ଯ୍ୟାଳୟକୁ ନେଇଥିବା ଜଣାପଡ଼ିଛି। ସେଠାରେ ପ୍ରାଥମିକ ଚିକିତ୍ସା ପରେ ପେଚାଟିକୁ ଜଙ୍ଗଲରେ ଛାଡ଼ି ଦିଆଯିବ ବୋଲି ବିଭାଗ ତରଫରୁ ସୂଚନା ମିଳିଛି।

### ୬ରେ ରାଇକିଆରେ ଅଷ୍ଟ ଦଣ୍ଡ ମିଳନ

ରାଇକିଆ, ୪।୪(ଡି.ଏନ.ଏ): ରାଇକିଆଠାରେ ଗୁରୁବାର ଅଷ୍ଟ ଦଣ୍ଡ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିପାଇଁ ପରିଚାଳନା କମିଟି ତରଫରୁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ପଞ୍ଚଦଣ୍ଡ କମିଟି ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ବ୍ଲକରୁ ୮ ଦଣ୍ଡ ନୃତ୍ୟ ଦଳ ଭାଗ ନେବେ। ଏହି ଅବସରରେ ଗୁରୁବାର ପଶ୍ଚିମ ଓଡ଼ିଶାର ଲୋକନୃତ୍ୟ 'ପଏଁରି' କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ଥିବା ପରିଚାଳନା କମିଟି ସଭାପତି ସନ୍ତୋଷ ଲେଙ୍କା ପ୍ରକାଶ କରିଛନ୍ତି।

### ବ୍ୟାଙ୍କିଙ୍ଗ ସେବା ଓ ଋଣ କର୍ମଶାଳା

ରମ୍ଭା,୪।୪-ଗଞ୍ଜାମ ବ୍ଲକ ସାନ ରାମଚନ୍ଦ୍ରପୁର ପଞ୍ଚାୟତ ଅଧୀନସ୍ଥ ବିରୁଳିଗଡ଼ ଚାମୁଣ୍ଡା ମନ୍ଦିର ପ୍ରାଙ୍ଗଣରେ କୃଷ୍ଣଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ସମବାୟ ସମିତିର ବ୍ୟାଙ୍କିଙ୍ଗ ସେବା ଓ ଋଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମଞ୍ଚାସିନ ବ୍ୟକ୍ତିମାନେ ସାମୂହିକ ପ୍ରଦୀପ ପ୍ରଜ୍ୱଳନ ସହ ସଭା ଆରମ୍ଭ କରିଥିଲେ। ଉପେନ୍ଦ୍ର ନାହାକ ଉପସ୍ଥାପକ ଭାବେ ରହିଥିବା ବେଳେ ବିସିସି ବ୍ୟାଙ୍କ ବ୍ରହ୍ମପୁର ନିର୍ଦ୍ଦେଶକ ଚନ୍ଦ୍ରଶେଖର ନାୟକ ସଭା ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଷ୍ଣୁ ପ୍ରସାଦ ସିଂହ ଦେଓ ମୁଖ୍ୟ ଅତିଥି, ରମ୍ଭା ବିସିସି ବ୍ୟାଙ୍କ ଶାଖା ପରିଚାଳକ ଏମ. ଜଗବନ୍ଧୁ ଦୋରା ମୁଖ୍ୟବକ୍ତା, ଜିଲା ପରିଷଦ ସଭ୍ୟ ସନାତନ ବେହେରା, ଏରିଆ ମ୍ୟାନେଜର କାହ୍ନୁ ଚରଣ ଡାକୁଆ, ଗଞ୍ଜାମ ପଞ୍ଚାୟତ ସମିତି ପୂର୍ବତନ ଅଧକ୍ଷ ସୁରଥ ପ୍ରଧାନ, ବିଜୟ ଚନ୍ଦ୍ର ବିଶ୍ୱାଳ ପ୍ରମୁଖ ମଞ୍ଚାସୀନ ହୋଇ ଉପସ୍ଥିତ ଚାଷୀ, ମହିଳା ସ୍ୱୟଂ ସହାୟିକା ସଂଘ, ଭାଗ ଚାଷୀମାନଙ୍କୁ ଋଣ ସମ୍ପର୍କରେ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ବୁରୁଡି ସେବା ସମବାୟ ସମିତିର ସମ୍ପାଦକ ଜୟଦେବ ଦାସ ଓ ସହଯୋଗ କରିଥିଲେ ସହ ସମ୍ପାଦକ ସୁଧୀର କୁମାର ଦାସ। ଏଥିରେ ବିରୁଳିଗଡ଼ର ଧନୁ ତରେଇ, ରମେଶ ଚନ୍ଦ୍ର ସେଠ, ରଞ୍ଜିତ ତରେଇ, ଏନ. ଦିନେଶ ପାତ୍ର, ମନୋଜ ପ୍ରଧାନ ପ୍ରମୁଖ ନିର୍ଦ୍ଦେଶକ ମାନେ ଉପସ୍ଥିତ ରହିଥିବା ବେଳେ ଅନ୍ୟ ସମ୍ପାଦକ ମାନଙ୍କ ମଧ୍ୟରେ ସୁଦାମ ଗୌଡ଼, ରୋହିତ ସ୍ୱାଇଁ, ସୁଦାମ ସ୍ୱାଇଁ, ରାମ ଚନ୍ଦ୍ର ନାୟକ, ହୃଷିକେଶ ଦାସ, ଅଶୋକ ତ୍ରିପାଠୀ, ଏସ୍‌ଏଚ୍‌ଜି ସଭାପତି ସୁଜ୍ଞାନୀ ପଲେଇ, ରୀତା ସାହୁ, ରଞ୍ଜିତା ମିସ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ବୈରାଗୀ ଚରଣ ତରେଇ ଧନ୍ୟବାଦ ଦେଇଥିଲେ।

### ଦୁର୍ଘଟଣାରେ ୨ ଗୁରୁତର

ଖଜୁରିପଡା,୪।୪(ଡି.ଏନ୍.ଏ.)- ଖଜୁରିପଡା ଥାନା ଅଞ୍ଚଳରେ ମଙ୍ଗଳବାର ବାଇକ୍ ଦୁର୍ଘଟଣାରେ ୨ ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଅଶୋକ ମଲିକ, କିଶୋର ସେଠୀ। ଲାଇନପଡ଼ା ପଲକାଗୁଡ଼ୀ ଗ୍ରାମକୁ ଯାଉଥିବା ବେଳେ ବାଉଁଶୁଣୀ ନାଳ ପୂର୍ବରୁ ଗାଡ଼ିଟି ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଖଜୁରିପଡ଼ା ପୋଲିସ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ଚିକିତ୍ସାଳୟକୁ ପଠାଇଛି।

# ସରିଲା ମା' ତାରାତାରିଣୀଙ୍କ ଚୈତ୍ର ମଙ୍ଗଳବାର ଯାତ୍ରା



ମହିଷମର୍ଦ୍ଦିନୀ ବେଶରେ ତାରାତାରିଣୀ



ଜଣେ ଶିଶୁଙ୍କ ମୁଣ୍ଡନ କରାଯାଉଛି।

- ମହିଷମର୍ଦ୍ଦିନୀ ବେଶରେ ଦର୍ଶନ ଦେଲେ ଦୁଇ ଭଉଣୀ
- ୨ ହଜାରରୁ ଊର୍ଦ୍ଧ୍ୱ ଶିଶୁଙ୍କ ମୁଣ୍ଡନ

ପୁରୁଷୋତ୍ତମପୁର, ୪।୪(ଡି.ଏନ.ଏ.)

ଗଞ୍ଜାମ ଜିଲାର ପ୍ରସିଦ୍ଧ ଇଷ୍ଟ ଦେବୀ ମା' ତାରାତାରିଣୀଙ୍କ ଚୈତ୍ର ମଙ୍ଗଳବାର ଯାତ୍ରା ଏହି ଚତୁର୍ଥ ପାଳିରେ ଶେଷ ହୋଇଥିବା ବେଳେ ଭକ୍ତମାନେ ପୁଣି ଆର ବର୍ଷକୁ ଅପେକ୍ଷା କରିଛନ୍ତି। ଏହି ଶେଷ ପାଳିରେ ମା' ତାରା ତାରିଣୀ ଦୁଇ ଭଉଣୀଙ୍କୁ ମହିଷମର୍ଦ୍ଦିନୀ ବେଶରେ ଦର୍ଶନ କରି ଭକ୍ତମାନେ ଭାବବିହ୍ୱଳ ହୋଇପଡିଛନ୍ତି। ଭକ୍ତଙ୍କ ଏଭଳି ଭାବବିହ୍ୱଳକୁ ଦେଖି ମା' ତାରାତାରିଣୀ ମଧ ଭକ୍ତଙ୍କଠାରେ ପ୍ରସନ୍ନ ହୋଇଥିଲେ। ଜଣେ ମହିଳାଙ୍କ ଦେହରେ ପ୍ରସନ୍ନ ହୋଇଥିବାର ମଧ ଦେଖିବାକୁ ମିଳିଛି। ଏହି ପାଳିରେ ୨,୪୫୧ ଜଣ ଶିଶୁ ମୁଣ୍ଡନ ହୋଇଛନ୍ତି। ଯାତ୍ରା ସରିଯାଉଥିବା ହେତୁ ହଜାର ହଜାର ସଂଖ୍ୟାରେ ଭକ୍ତ ଆସି ମା'ଙ୍କ ଆଶୀର୍ବାଦ ଭିକ୍ଷା କରିଛନ୍ତି। ଏହା ସହ ନିଜ ନିଜର ଶିଶୁଙ୍କୁ ମୁଣ୍ଡନ କରାଇଛନ୍ତି। ରାତ୍ର ସାଢେ ଗୋଟାଏରୁ ମନ୍ଦିର ଦ୍ୱାର ଫିଟାଯାଇ ପରମ୍ପରା ଅନୁସାରେ ମଙ୍ଗଳ ଆଳତି, ଅବକାଶ, ମାଜଣା, ସିଙ୍ଗାର, ଅଭିଷେକ ଆଦି ନୀତିକାନ୍ତିରେ ପୂଜାର୍ଚ୍ଚନା କରାଯାଇ ତାରାତାରିଣୀ ଦୁଇ ଭଉଣୀଙ୍କୁ ମହିଷମର୍ଦ୍ଦିନୀ ବେଶରେ ସଜ୍ଜିତ କରାଯାଇଥିଲା। ଭୋର ସାଢେ ଚାରିଟାରେ ସାହାଣ ମେଲା ହୋଇ ମା' ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ରାତ୍ର ସାଢେ ତିନିଟାରୁ ମୁଣ୍ଡନ କାର୍ଯ୍ୟ ଆରମ୍ଭ ହୋଇଥିଲା। କେନ୍ଦ୍ର ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗର ଅତିରିକ୍ତ ସଚିବ ଚନ୍ଦ୍ରଶେଖର କୁମାର ଆସି ମା'ଙ୍କ ଦର୍ଶନ କରିଥିଲେ। ଚଳିତବର୍ଷ ଅତି ଶାନ୍ତି ଶୃଙ୍ଖଳାର ସହ ମା'ଙ୍କ ଚୈତ୍ରଯାତ୍ରା ଶେଷ ହୋଇଛି। ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଓ ଏସ୍‌ପି ଜଗମୋହନ ମିନା ଉପସ୍ଥିତ ରହି ତଦାରଖ କରିଥିବା ବେଳେ ଛତ୍ରପୁର ସର୍କଲ ଦେବୋତ୍ତର ବିଭାଗୀୟ ଇନ୍ସପେକ୍ଟର ପୁଷ୍ପିତା ବେହେରା, ଉପଜିଲାପାଳ ପ୍ରସନ କୁମାର ପାତ୍ର, ପୁରୁଷୋତ୍ତମପୁର ଏସ୍‌ଡିପିଓ ରଜନୀକାନ୍ତ ସାମଲ, ତହସିଲଦାର ସନ୍ତୋଷ କୁମାର ସାହୁ, ବିଡିଓ ବିଜୟ କୁମାର ବେହେରା, ଆଇଆଇସି ପୀୟୂଷ ରଞ୍ଜନ ଛୋଟରାୟ, ମନ୍ଦିର ନିର୍ବାହୀ ଅଧିକାରୀ ଟିକେ ରେଡି ପରିଚାଳନା କରିଥିଲେ।

# ଗଞ୍ଜାମ ଜିଲାରେ ଖୋଲିବ ୩ ଟ୍ରମା କେୟାର ସେଣ୍ଟର

ଛତ୍ରପୁର,୪।୪(ଡି.ଏନ୍.ଏ):

୨୦୨୨ରେ ଗଞ୍ଜାମ ଜିଲାରେ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟା ଓଡିଶାରେ ସର୍ବାଧିକ ରହିଛି । ଠିକ୍ ସମୟରେ ଦୁର୍ଘଟଣାରେ ଆହତଙ୍କୁ ଆବଶ୍ୟକୀୟ ଚିକିତ୍ସା ଏବଂ ଏଥିପାଇଁ ଆବଶ୍ୟକ ପଡୁଥିବା ହସ୍ପିଟାଲରେ ଭର୍ତ୍ତି କରାଇବାରେ ବିଳମ୍ବ ଯୋଗୁଁ ମଧ ମୃତ୍ୟୁ ସଂଖ୍ୟା ବଢୁଛି। ସଡ଼କ ଦୁର୍ଘଟଣାରେ ଆହତଙ୍କୁ ଆଶୁ ଚିକିତ୍ସା ପାଇଁ ରାଜ୍ୟରେ ୫୮ ଟି ହସ୍ପିଟାଲରେ ଟ୍ରମା କେୟାର ସେଣ୍ଟର ଖୋଲିବା ନେଇ ରାଜ୍ୟ ସରକାର ଗତ ସପ୍ତାହରେ ନିଷ୍ପତ୍ତି ନେଇଛନ୍ତି। ଏହି ପରିପ୍ରେକ୍ଷୀରେ ଗଞ୍ଜାମ ଜିଲାରେ ମଧ ୩ଟି ଟ୍ରମା କେୟାର ସେଣ୍ଟର ଖୋଲିବ। ଏନେଇ ଗଞ୍ଜାମ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ସୂଚନା ଦେଇଛନ୍ତି । ସେଗୁଡିକ ମଧରେ ଖଲିକୋଟ, ଆସିକା ଓ ଭଞ୍ଜନଗର ବୋଲି ଜଣାପଡିଛି। ୧୬ ନଂ ଜାତୀୟ ରାଜପଥ ପାର୍ଶ୍ୱରେ ଖଲିକୋଟ ଅବସ୍ଥିତ ଥିବାବେଳେ ବ୍ରହ୍ମପୁର-ଭଞ୍ଜନଗର ମୁଖ୍ୟ ରାସ୍ତାରେ ଆସିକା ସହର ରହିଛି। ସେହିପରି ଭଞ୍ଜନଗର ଜିଲାର ସୀମାବର୍ତ୍ତୀ ଅଞ୍ଚଳରେ ରହିଥିବା ବେଳେ କନ୍ଧମାଳ ଜିଲା ଅବସ୍ଥିତ । ପୂର୍ବରୁ ଗଞ୍ଜାମ ଜିଲାର ବ୍ରହ୍ମପୁରସ୍ଥିତ ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲରେ ଟ୍ରମା କେୟାର ସେଣ୍ଟର ଲେଭଲ-୧ ରହିଛି। ତେବେ ଏତେବଡ ଜିଲା ସହ ୧୬ ନଂ ଜାତୀୟ ରାଜପଥ ଓ ରାଜ୍ୟପଥ ମଧ ଯାଇଛି । ଏଥିସହ ପୂର୍ବତଟ ରେଳପଥ ମଧ ଜିଲା ଦେଇ ଯାଇଛି । ଏଥିଲାଗି ବିଭିନ୍ନ ସମୟରେ ଦୁର୍ଘଟଣା ମଧ ଘଟୁଛି। ଆହତମାନଙ୍କ ଆଶୁ ଚିକିତ୍ସା ପାଇଁ ଜିଲାରେ ଥିବା ଉକ୍ତ ଗୋଟିଏ ମାତ୍ର ଟ୍ରମା କେୟାର ସେଣ୍ଟର ଉପରେ ନିର୍ଭର କରିବାକୁ ପଡୁଛି। ଏପରିକି ଜିଲାର କୋଣ ଅନୁକୋଣରୁ ଆହତମାନଙ୍କୁ ବ୍ରହ୍ମପୁର ଆଣିବାରେ ମଧ ବିଳମ୍ବ ହୋଇଥାଏ।। ସୂଚନାଯୋଗ୍ୟ ଜିଲାରେ ଆଉ କିଛି ଟ୍ରମା କେୟାର ସେଣ୍ଟର ଖୋଲିବା ପାଇଁ ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡା ଆକ୍ସନ ପ୍ଲାନ୍‌ରେ ଉଲ୍ଲେଖ କରି ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ପଠାଇଥିଲେ। ଏଥିସହ ଆରଟିଓ ଓ ସିଡିଏମଓଙ୍କ ପକ୍ଷରୁ ମଧ ଏନେଇ ପ୍ରସ୍ତାବ ପଠାଯାଇଥିଲା। ଏପରିକି ଗତବର୍ଷ ସେପ୍ଟେମ୍ବର ୨୩ରେ ଅନୁଷ୍ଠିତ ସଂସଦୀୟ ସଡକ ସୁରକ୍ଷା କମିଟି ବୈଠକରେ ଟ୍ରମା କେୟାର ସେଣ୍ଟର ଉପରେ ଆଲୋଚନା ହୋଇଥିଲା । ବ୍ରହ୍ମପୁର ଏମ୍‌କେସିଜିରେ ଥିବା ଟ୍ରମା କେୟାର ସେଣ୍ଟରକୁ ଅପଗ୍ରେଡ କରିବା ସହ ଅନ୍ୟ ସ୍ଥାନ ମାନଙ୍କରେ ଟ୍ରମା କେୟାର ସେଣ୍ଟର ଖୋଲିବା ନେଇ ସର୍ବସମ୍ମତି ପ୍ରସ୍ତାବ ଗୃହୀତ ହୋଇଥିଲା। ଏହାକୁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ପଠାଯାଇଥିଲା। ପ୍ରକାଶଯୋଗ୍ୟ ୨୦୨୨ରେ ସଡକ ଦୁର୍ଘଟଣା ଓ ତଦ୍‌ଜନିତ ମୃତ୍ୟୁ ସଂଖ୍ୟା ୨୦୨୧ ତୁଳନାରେ ଅହେତୁକ ବୃଦ୍ଧିପାଇଛି । ୨୦୨୨ରେ ଜିଲାରେ ୮୩୧ ସଡକ ଦୁର୍ଘଟଣା ଘଟିଥିବା ବେଳେ ୪୧୪ ଜଣଙ୍କ ମୃତ୍ୟୁ ଓ ୬୩୨ ଜଣ ଗୁରୁତର ଆହତ ହୋଇଥିଲେ।

# ସମ୍ଭାବନା ସାରସ୍ୱତ ସାଂସ୍କୃତିକ ପରିଷଦ ଅଧିବେଶନ

କବିସୂର୍ଯ୍ୟନଗର,୪।୪(ଡି.ଏନ.ଏ.)



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ପୁରସ୍କୃତ ବ୍ୟକ୍ତିବିଶେଷ।

ସମ୍ଭାବନା ସାରସ୍ୱତ ସାଂସ୍କୃତିକ ପରିଷଦ ଓ ଖାରିଆ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଖାରିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ପରିଷଦ ସଭାପତି ସୁଖେନ୍ଦୁ କୁମାର ଦାସଙ୍କ ଅଧକ୍ଷତାରେ ଅଧିବେଶନଟି ମଙ୍ଗଳବାର ପାଳିତ ହୋଇଯାଇଛି। ଏହାକୁ ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ବିଡିଓ ଶ୍ରୀଯୁକ୍ତ ପରିଡା, ମୁଖ୍ୟ ବକ୍ତା ଅରବିନ୍ଦ ପଣ୍ଡା, ସମ୍ମାନିତ ଅତିଥି ଭାବେ ବଂଶୀଧର ରଥ, ଶରତ ଚନ୍ଦ୍ର ପଣ୍ଡା, ଟିଭି ଭାସ୍କର ରାଓ ମଞ୍ଚାସୀନ ଅତିଥି ଥିଲେ। ଅନ୍ୟାନ୍ୟ ଅତିଥି ମଧରେ ଖାରିଆ ସରପଞ୍ଚ ଜୟନ୍ତୀ ସାହୁ, ଉପାଧକ୍ଷା ରେଶମା ଦୋରା, ସମିତିସଭ୍ୟା ସୌଦାମିନୀ ନାହାକ, ଉପଦେଷ୍ଟା ଇ. ମାହେଶ୍ୱରୀ ଦୋରା, ନବଘନ ପରିଡ଼ା ପ୍ରମୁଖ ମଞ୍ଚାସୀନ ଥିଲେ। ନାରୀକବି ରଜନୀ ରାଣୀ ମୁନିଙ୍କ ଶିଶୁ କବିତା ସଙ୍କଳନ ଶୁଣରେ ପିଲେ ବିଧାୟିକାଙ୍କ ଦ୍ୱାରା ଉନ୍ମୋଚନ ହୋଇଥିଲା। ଅଧିବେଶନରେ ନାରୀ କବି ରେଣୁପ୍ରଭା ଦାସ, ସନ୍ଧ୍ୟାରାଗର ସମ୍ପାଦକ ପଞ୍ଚାନନ ନାହାକଙ୍କ ସଂଯୋଜନାରେ ଦେଶାତ୍ମବୋଧ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ଅଧିବେଶନରେ ନାରୀକବି ରାଜନିରାଣୀ ମୁନି ଓ ସାମାଜିକ କର୍ମୀ ତଥା କବିସୂର୍ଯ୍ୟନଗର ଲାୟନ୍ସ କ୍ଲବ ସଭାପତି ଇ. ମାହେଶ୍ୱରୀ ଦୋରାଙ୍କୁ ତୁହି ମା' ଜନନୀ ସମ୍ମାନରେ ସମ୍ମାନିତ କରିଥିଲେ। ନୃତ୍ୟକଳା ପାଇଁ ଶୁଭଶ୍ରୀ ନାୟକ, ଚିତ୍ରାଙ୍କନ ପାଇଁ ନୀହାରିକା ଗୌଡ଼ ଓ କ୍ରୀଡ଼ା ପାଇଁ ଲିଜା ପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ପାଦକ ରବୀନ୍ଦ୍ର ମଲ୍ଲ, ପ୍ରଶାନ୍ତ କୁମାର ନାୟକ, ସନ୍ତୋଷ କୁମାର ପାଢ଼ୀ, ମୃତ୍ୟୁଞ୍ଜୟ ରଥ ଓ ବୁଦ୍ଧିରାମ ନାହାକ ଅଧିବେଶନକୁ ସଞ୍ଚାଳନ କରିଥିଲେ। ଶରତ ଚନ୍ଦ୍ର ପଣ୍ଡା ଧନ୍ୟବାଦ ଦେଇଥିଲେ।

# ଶୁଭଖୁଣ୍ଟି ସ୍ଥାପନ

ଆର୍.ଉଦୟଗିରି,୪।୪(ଡି.ଏନ୍.ଏ.)

ଆର୍.ଉଦୟଗିରି ଗ୍ରାମ ଚାଞ୍ଚଡ଼ା ସାହିର ଅଧିଷ୍ଠାତ୍ରୀ ଦେବୀ ମା' ଶାରଳା ଠାକୁରାଣୀଙ୍କ ଘଟ ପର୍ବ ଲାଗି ସୋମବାର ଶତାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ରେ ମା'ଙ୍କ ଐତିହାସିକ ଯାତ୍ରା ଲାଗି ଶୁଭଖୁଣ୍ଟି ସ୍ଥାପନ କରାଗଲା। ଶ୍ରଦ୍ଧାଳୁମାନେ ପାହାଡ଼ ନିକଟରେ ବେଲବରଣ କରିବା ସହ ବିଭିନ୍ନ ନୀତିକାନ୍ତିରେ ପୁରୋହିତମାନଙ୍କ ଦ୍ୱାରା ପୂଜା ପଦ୍ଧତି କରି ଆଶିଷ ଭିକ୍ଷାକରି ମା'ଙ୍କୁ ଅସ୍ଥାୟୀ ମନ୍ଦିରକୁ ନିମନ୍ତ୍ରଣ କରିଥିଲେ। କରୋନା କଟକଣା ଥିବା ହେତୁ କେବଳ ମା'ଙ୍କ ଯାତ୍ରାର ପରମ୍ପରାକୁ ବଜାୟ ରଖିବା ଲାଗି କେବଳ ନୀତିକାନ୍ତି ହେବା ସହ ନଗର ପରିଭ୍ରମଣ ବନ୍ଦ ଥିଲା। ୨ବର୍ଷକୁ ଥରେ ଏହି ଯାତ୍ରା ବା ମା'ଙ୍କ ଆଗମନକୁ ନେଇ ଆର୍.ଉଦୟଗିରି ସହର ବେଶ୍ ଉତ୍ସାହ ଥିବା ଦେଖିବାକୁ ମିଳିଛି। ଏ ବର୍ଷ ମା'ଙ୍କ ଘଟପର୍ବ ବା ଠାକୁରାଣୀ ଯାତ୍ରା ଏପ୍ରିଲ ୨୩ ତାରିଖରୁ ଅନୁଷ୍ଠିତ ହୋଇ ୫ଦିନ ଧରି ହେବାକୁ ଥିବାବେଳେ ଆବଶ୍ୟକ ପଡ଼ିଲେ ଆଉ ୨/୩ ଦିନ ଯାତ୍ରାର ସମୟସୀମା ବୃଦ୍ଧି କରାଯିବ ବୋଲି ଯାତ୍ରା କମିଟି ସୂଚନା ଦେଇଛି। ଅନ୍ୟପଟେ ଏପ୍ରିଲ ୨୩ରେ ମା' ଶାରଳା ଠାକୁରାଣୀ ନିଜ ମନ୍ଦିରରୁ ବାହାରି ନିଜ ବାପାଘର ଚଞ୍ଚଡ଼ା ସାହିକୁ ଆସି ନଗର ପରିଭ୍ରମଣ କରିବା ସହ ଭକ୍ତଙ୍କୁ ଦର୍ଶନ ଦେବେ। ଏହି କାର୍ଯ୍ୟକ୍ରମରେ ଗୌରଚନ୍ଦ୍ର ମିଶ୍ର, ନୀତେଇ ମିଶ୍ର ଓ ମିହିରଦାସ ଶର୍ମା ପ୍ରମୁଖ ପୂଜା କାର୍ଯ୍ୟରେ ସହଯୋଗ କରିଥିବା ବେଳେ ମନ୍ଦିର କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ।

# ଜି-୨୦ ଆଲୋଚନାଚକ୍ର

ଫୁଲବାଣୀ ଅଫିସ, ୪।୪

ଫୁଲବାଣୀ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ସଭାଗୃହରେ ରାଜନୀତି ବିଜ୍ଞାନ ଆନୁକୂଲ୍ୟରେ ଜି-୨୦ ଏବଂ ୱାଇ (ୟୁଥ)-୨୦ ଉପରେ ଏକ ଆଲୋଚନାଚକ୍ର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଏହି ଆଲୋଚନାଚକ୍ରରେ ପରିବେଶ ସନ୍ତୁଳନ, ଗଣତନ୍ତ୍ରରେ ଯୁବଶକ୍ତିର ଭୂମିକା ଉପରେ ଆଲୋଚନା ହୋଇଥିଲା। ମୁଖ୍ୟବକ୍ତା ଭାବେ କଟକ ନେତାଜୀ ସୁବାଷ ଚନ୍ଦ୍ର ବୋଷ ସ୍ମୃତି କଲେଜର ଡ. ହରିଶ ଚନ୍ଦ୍ର ବେହେରା ଯୋଗଦେଇ ଆଗାମୀ ଜି-୨୦ ଉପଲକ୍ଷେ ଆମ ଦେଶ କିଭଳି ପରିବେଶ ଉପରେ ପଦକ୍ଷେପ ନେଉଛି, ତାହା ଉପରେ ବିସ୍ତୃତ ଆଲୋଚନା କରିଥିଲେ । ଏଥିସହ ସ୍ୱାସ୍ଥ୍ୟ, ପରିବେଶ ଅସନ୍ତୁଳନ, ଯୁବ ସମାଜର ଗଣତନ୍ତ୍ର ଏବଂ ଶାସନ ଭୂମିକା ଉପରେ ଉପସ୍ଥିତ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ଅବଗତ କରିଥିଲେ। ଆନ୍ତର୍ଜାତୀକ ସ୍ତରରେ ଭାରତ ପ୍ରଥମ ଥର ପାଇଁ ଜି-୨୦ ରାଷ୍ଟ୍ର ସମୂହରେ ସଭାପତିତ୍ୱ କରୁଥିବାରୁ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରିଛନ୍ତି । ଏହି ଉପଲକ୍ଷେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ଯେଉଁମାନେ ଭଲ କରିବେ ସେମାନେ ରାଜ୍ୟସ୍ତର ଏବଂ ଜାତୀୟସ୍ତରରେ ଭାଗ ନେବେ ବୋଲି ମହାବିଦ୍ୟାଳୟର ଅଧକ୍ଷ ଡକ୍ଟର ସଂଜୀବ ବଳିୟାରସିଂ ପ୍ରକାଶ କରିଥିଲେ। ରାଜନୀତି ବିଜ୍ଞାନ ବିଭାଗୀୟ ମୁଖ୍ୟ ଡଃ ଅହଲ୍ୟା ଶିଅଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜନୀତି ବିଜ୍ଞାନ ଅଧ୍ୟାପକ ଦୁଷ୍ମନ୍ତ ମାଝୀ ସଭା ପରିଚାଳନା କରିଥିଲେ। ଅଧ୍ୟାପକ ଚନ୍ଦନ କୁମାର ସାହୁ, ଅନୁ ଅଗ୍ରୱାଲ, ସଂଗୀତା ମଳିକ ସହଯୋଗ କରିଥିଲେ।

# ରାଷ୍ଟ୍ରୀୟ ପୋଷଣ ପକ୍ଷ ଉଦ୍‌ଯାପିତ

ଶେରଗଡ, ୪।୪(ଡି.ଏନ୍.ଏ.):

ଶେରଗଡ଼ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟ ପକ୍ଷରୁ ପ୍ରକଳ୍ପସ୍ତରୀୟ ରାଷ୍ଟ୍ରୀୟ ପୋଷଣ ପକ୍ଷ ଉଦଯାପିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ସିଡିପିଓ ଗୀତାରାଣୀ ରାଉଳ ସଂଯୋଜନା କରିଥିଲେ। ମୁଖ୍ୟ ଅତିଥି ଭାବେ ବ୍ଲକ ଚେୟାରମ୍ୟାନ କୃଷ୍ଣଚନ୍ଦ୍ର ନାୟକ, ବିଡିଓ ଶିବାଶିଶ ବରାଳ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ବସନ୍ତ କୁମାର ଦାଶ, ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ସେନାପତି ଯୋଗଦେଇ ପୋଷଣ କାର୍ଯ୍ୟକ୍ରମରେ ସମସ୍ତ କର୍ମୀ ବ୍ୟାପକ ସଚେତନ କରିବା ସହ ଗର୍ଭବତୀ ମହିଳାମାନଙ୍କୁ ଉପଯୁକ୍ତ ପୋଷଣ ଯୁକ୍ତ ଖାଦ୍ୟ ପ୍ରଦାନ କରିବାକୁ କୁହାଯାଇଛି। ଗତ ୨୦ ମାର୍ଚ୍ଚ ଠାରୁ ଆଜି ପର୍ଯ୍ୟନ୍ତ ଅଙ୍ଗନବାଡି କେନ୍ଦ୍ରମାନଙ୍କରେ ପୋଷଣ କାର୍ଯ୍ୟକ୍ରମ ପାଳନ କରି ପ୍ରତିଯୋଗିତା ମାନ ଆୟୋଜନ କରାଯାଇ ଚୟନ କରାଯାଇଥିବା କୁନି ଶିଶୁଙ୍କୁ ପୁରସ୍କାର ସହ ମାନପତ୍ର ଦିଆଯାଇ ଥିଲା। ନିଜ ଅଙ୍ଗନବାଡି କେନ୍ଦ୍ରରେ ଭଲ କାମ କରିବା ସହ ଉତ୍ତମ ସେବା ଯୋଗାଇଥିବା ଦୁଇଜଣ କର୍ମୀ ଓ ଜଣେ ସହାୟିକାଙ୍କୁ ସମ୍ମାନିତ କରାଯାଇଥିଲା।

# କୃଷି କର୍ମଚାରୀଙ୍କ ପ୍ରଶିକ୍ଷଣ ଶିବିର

ଦିଗପହଣ୍ଡି,୪।୪(ଡି.ଏନ.ଏ.)

ରାଜ୍ୟ ସରକାରଙ୍କ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଆନୁକୂଲ୍ୟରେ ମଙ୍ଗଳବାର ଦିଗପହଣ୍ଡି ସ୍ଥିତ ଘୋଡାହାଡ ଶୀର୍ଷ କମିଟି ପାଣି ପଞ୍ଚାୟତ କାର୍ଯ୍ୟାଳୟ ସଭାଗୃହରେ କୃଷି ସମ୍ପ୍ରସାରଣ କର୍ମଚାରୀଙ୍କ ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଯାଇଛି। କୃଷି ଜିଲା ଅଧିକାରୀ ନିରଞ୍ଜନ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରକୁ ଜିଲା ମୁଖ୍ୟ କୃଷି ଅଧିକାରୀ ଦିଲ୍ଲୀପ କୁମାର ଖୁଣ୍ଟିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। 'ଆତ୍ମା'ର ଉପ ପ୍ରକଳ୍ପ ନିର୍ଦ୍ଦେଶକ ଅଜିତ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଗୋଷ୍ଠୀ କୃଷି ଅଧିକାରୀ କଲ୍ୟାଣୀ ରାଉତ, କୁକୁଡାଖଣ୍ଡି ଗୋଷ୍ଠି କୃଷି ଅଧିକାରୀ ପ୍ରସନ୍ନ କୁମାର ସ୍ୱାଇଁ, ଦିଗପହଣ୍ଡି କୃଷି ଯନ୍ତ୍ରୀ ଦେବାଶିଷ ସେନାପତି, ସାନଖେମୁଣ୍ଡି ଗୋଷ୍ଠୀ କୃଷି ଅଧିକାରୀ ଜୟଦପ୍ରଭା ଆଚାର୍ଯ୍ୟ, ସାନଖେମୁଣ୍ଡି ସହକାରୀ କୃଷି ଅଧିକାରୀ ବିଶ୍ୱରଞ୍ଜନ ରାଉତ ଏବଂ କୁକୁଡାଖଣ୍ଡି ସହକାରୀ କୃଷି ଅଧିକାରୀ ବିଶ୍ୱ ରଞ୍ଜନ ବେହେରା ପ୍ରଶିକ୍ଷଣ ପ୍ରଦାନ କରିଥିଲେ। କୃଷି କର୍ମଚାରୀ ଦୁର୍ଗା ମାଧବ ସାହୁ ଏବଂ ବିଭୂତି ଭୂଷଣ ବିଷୋୟୀ ସହଯୋଗ କରିଥିଲେ।

# ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଏସ୍‌ପିଙ୍କୁ ଫେରାଦ ହେଲେ ପରିବାର

ବ୍ରହ୍ମପୁର ଅଫିସ,୪।୪

କେ.ନୂଆଗାଁ ଥାନା ଅନ୍ତର୍ଗତ ଏସ୍.ଟିକରପଡ଼ା ଗ୍ରାମରେ ଗତମାସ ୨୪ ତାରିଖରେ ଗୋଷ୍ଠୀ ସଂଘର୍ଷରେ ତୋଫାନ ଗୌଡ଼ଙ୍କ ମୃତ୍ୟୁ ହୋଇଥିଲା। ୩ ଜଣ ଏଥିରେ ଗୁରୁତର ହୋଇଥିଲେ। ମାମଲା ରୁଜୁ ପରେ ପୋଲିସ ଉଭୟ ଗୋଷ୍ଠୀର ୪ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ମଙ୍ଗଳବାର ସେମାନଙ୍କୁ ଗିରଫ ଦାବିରେ ମୃତ ତୋଫାନଙ୍କ ପରିବାର ବର୍ଗ ଓ ଏସ୍.ଟିକରପଡ଼ା ଗ୍ରାମର ବହୁ ଲୋକ ବ୍ରହ୍ମପୁର ଏସ୍‌ପିଙ୍କ ନିକଟରେ ଫେରାଦ ହୋଇଥିଲେ। ଏସ୍‌ପି ଡା. ଶ୍ରବଣା ବିବେକ ଏମ୍. କହିଛନ୍ତି, ପୋଲିସ ପୂର୍ବରୁ ଉକ୍ତ ମାମଲାରେ ୪ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

**ତୋଫାନ ଗୌଡ଼ ହତ୍ୟା ଘଟଣା**

ମାମଲାର ତଦନ୍ତ ଜାରି ରହିଛି। ଏଥିରେ ଯେଉଁମାନଙ୍କର ସମ୍ପୃକ୍ତି ଥିବା ଜଣାପଡିବ ସେମାନଙ୍କୁ ଗିରଫ କରାଯିବ ।

ପ୍ରକାଶଯେ, ଗତ ୨୪ ତାରିଖରେ ରାଜନୈତିକ ଶତ୍ରୁତାକୁ କେନ୍ଦ୍ରକରି କେ. ନୂଆଗାଁ ଥାନା ଅନ୍ତର୍ଗତ ଏସ୍.ଟିକରପଡ଼ା ଗ୍ରାମରେ ଦୁଇ ଗୋଷ୍ଠୀ ମଧ୍ୟରେ ଆକ୍ରମଣ ଓ ପ୍ରତିଆକ୍ରମଣ ହୋଇଥିଲା। ଏଥିରେ ତୋଫାନ ଗୌଡ଼ ଗୁରୁତର ହୋଇଥିଲେ। ତାଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଅନ୍‌ଲାଇନ୍ ସେବା ପାଇଁ ଚଢୁଛନ୍ତି ପାହାଡ଼

ନୂଆଗଡ଼/ଆର.ଉଦୟଗିରି,୩।୪

**ଗ୍ରାମାଞ୍ଚଳରେ ମିଳୁନି ମୋବାଇଲ ସେବା**



ପାହାଡ଼ ଉପରେ ପିଲାମାନେ ମୋବାଇଲ୍ ଦେଖୁଛନ୍ତି।

ରାଜ୍ୟରେ ସହରାଞ୍ଚଳମାନଙ୍କରେ ୫-ଜି ମୋବାଇଲ ସେବା ଚାଲୁ ରହିଥିବା ବେଳେ ଗ୍ରାମାଞ୍ଚଳରେ ମିଳୁନି ମୋବାଇଲ ସେବା। ଗାଁ ଗହଳିରେ ମୋବାଇଲ ଟାୱାର ହେବ ବୋଲି ସରକାର ଘୋଷଣା କରିଥିଲା ବେଳେ ଗ୍ରାମାଞ୍ଚଳବାସୀଙ୍କୁ ଉପହାସ ଭଳି ହେଉଛି। ଏମିତି ଘଟଣା ଦେଖିବାକୁ ମିଳିଛି ଗଜପତି ଜିଲା ନୂଆଗଡ଼ ଅଞ୍ଚଳରେ। ଆଜିକାଲି ପାଠପଢ଼ା ଠାରୁ ଅଙ୍ଗନୱାଡ଼ି, ସ୍କୁଲ, କଲେଜର ଡାଟା, ବ୍ୟାଙ୍କ ସେବା, ସରକାରୀ ଏବଂ ବେସରକାରୀ ଅଫିସ କାର୍ଯ୍ୟ ଓ ଅନ୍ୟାନ୍ୟ କାର୍ଯ୍ୟ କରିବାକୁ ଇଣ୍ଟରନେଟ୍ ଉପରେ ଏବଂ ଜରୁରୀକାଳୀନ ସେବା ପାଇବା ପାଇଁ ମୋବାଇଲ ସେବା ଆବଶ୍ୟକ ହେଉଥିବା ବେଳେ କିଛି ଅଞ୍ଚଳ ଅଛି ଯେଉଁଠାରେ ନେଟୱାର୍କ ସମସ୍ତଙ୍କୁ ଉପେକ୍ଷା କରିଛି। ଅନେକ ଅଞ୍ଚଳ ରହିଛି ଯେଉଁଠି କି ମୋବାଇଲ ସେବା ସମ୍ପୂର୍ଣ୍ଣ ଅପହଞ୍ଚ। ଯଦ୍ୱାରା ଛାତ୍ରୀଛାତ୍ର, ଅଙ୍ଗନୱାଡ଼ି କର୍ମୀ, ଶିକ୍ଷକ ଓ ସାଧାରଣ ଜନତା ଜରୁରୀ ଆବଶ୍ୟକ କାର୍ଯ୍ୟରେ ଜୀବନକୁ ବାଜି ଲଗାଇ ପାହାଡ଼ ଚଢ଼ି ଲୋକେ ନେଟୱାର୍କ ଏବଂ ଇଣ୍ଟରନେଟ୍ ଆସୁଥିବା ସ୍ଥାନରେ ସମ୍ପାଦନ କରୁଛନ୍ତି। ସେହିପରି ଅଙ୍ଗନୱାଡ଼ି କେନ୍ଦ୍ର, ବିଦ୍ୟାଳୟର ଦୈନିକ ରିପୋର୍ଟ ପଠାଇବା ପାଇଁ ମହିଳା କର୍ମୀ, ଶିକ୍ଷକମାନେ ବହୁ ଉଚ୍ଚ ପାହାଡ଼ ଉପରକୁ ଚଢୁଛନ୍ତି। ଦୁର୍ଗମ ନୂଆଗଡ଼ ବ୍ଲକରେ ୧୯ପଞ୍ଚାୟତ ରହିଛି। ସେଥିମଧରୁ ୪/୫ଟି ପଞ୍ଚାୟତକୁ ଛାଡ଼ିଦେଲେ ଦୁର୍ଗମ ନଦୀମୁଠା ଅଞ୍ଚଳର ପରିମଳ, ସୁନ୍ଦରଡାଙ୍ଗ, କିରାମା, ଅନୁଗୁର, ସମ୍ବଲପୁର, ଉଦୟପୁର ୬ଟି ପଞ୍ଚାୟତ ସମେତ ଅନ୍ୟପଟରେ ପୁରୁତୁପଡ଼ା, ବେତାରସିଂ, ଟାଙ୍ଗିଲି, ଆତରସିଂ ୪ଟି ପଞ୍ଚାୟତ ରହିଛି। କେରେଡାଙ୍ଗ, ପି.ଅନ୍ତରଡା, ଲୁହାଙ୍ଗର ୩ଟି ପଞ୍ଚାୟତରେ ପହଞ୍ଚି ପାରିନି ମୋବାଇଲ ସେବା। ଏହି ପଞ୍ଚାୟତର ଲୋକେ ଜରୁରୀକାଳୀନ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଅଙ୍ଗନୱାଡ଼ି କର୍ମୀମାନେ ପାହାଡ଼ ଚଢ଼ି ଅନଲାଇନ୍ କାମ କରୁଥିବା ଦେଖିବାକୁ ମିଳୁଛି। ଏ ନେଇ ଜନପ୍ରତିନିଧି ଓ ଅଞ୍ଚଳବାସୀ ବହୁବାର ବ୍ଲକ ଏବଂ ଜିଲା ପ୍ରଶାସନ ଓ ନେତା ମନ୍ତ୍ରୀଙ୍କୁ ଗୁହାରି କରି ଥକି ଗଲେଣି। ହେଲେ ଗ୍ରାମାଞ୍ଚଳରେ ଟାୱାର ହୋଇପାରୁନାହିଁ। ସରକାର ପଦକ୍ଷେପ ନେଇ ଟାୱାର ନିର୍ମାଣ କରିବାକୁ ଦାବି ଜୋର ଧରିଛି।

